## ସଂକ୍ଷେପରେ

### ପୌର ପରିଷଦର ଅସଫଳତା ଲୋକଙ୍କ ନିକଟରେ ରଖାଯିବ: ଭାଜପା




ଉମରକୋଟ,୧୮।୭(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଉମରକୋଟ ଭାଜପା ନଗର ମଣ୍ଡଳ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଠାରେ ଅନେକ ସମସ୍ୟାକୁ ନେଇ ଏକ ଚିଠା ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ସମସ୍ୟା ଗୁଡ଼ିକୁ ଗୁରୁତ୍ୱ ଦେଇ ପୌର ପରିଷଦ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ପୌର ପରିଷଦର ଅସଫଳତାକୁ ଲୋକଙ୍କ ସମ୍ମୁଖରେ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ଜାଗା ମିଶନ ନାମରେ ପ୍ରମାଣପତ୍ର ଦେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ। ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା, ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନ ମିଳିବା, ଜଳ ଯୋଗାଣ ନାଁ ରେ ସହରର ପାଇପ୍ ଲାଇନ୍ ଫାଟିବା, ଘନ ଘନ ବିଦ୍ୟୁତ୍ କାଟ, ସହରରେ ବାଇପାସ ରାସ୍ତା ନିର୍ମାଣ, ନାଳ ନର୍ଦ୍ଦମା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ନେଇ ଉଦ୍‌ବେଗ ପ୍ରକାଶ ପାଇବା ଶହ ରାଜନୈତିକ ଚିଠା ପାରିତ ହେଇଛି। ଏଥିସହ ଉମରକୋଟ ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପ, ଅଧିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା, କେନ୍ଦ୍ରୀୟ ଯୋଜନାର ସମୀକ୍ଷା ପାଇଁ କେନ୍ଦ୍ରମନ୍ତ୍ରୀ ଘନ ଘନ ନବରଙ୍ଗପୁର ଗସ୍ତ କରିବା ଆଦିକୁ ପଶଂସା କରାଯାଇଛି। କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପୁର୍ବତନ କାଉନସିଲର ଅଶୋକ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ।

### ଗୁଣପୁରରେ ନୂତନ ସବ୍‌ଜଜ୍

ଗୁଣପୁର,୧୮।୭(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଠାରେ ନୂତନ ସବ୍‌ଜଜ୍ ରୂପେ ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସୋମବାର ଗୁଣପୁର ଓକିଲ ସଂଘ ସମ୍ମିଳନି କକ୍ଷରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଏଡିଜେ ମାନସ ରଞ୍ଜନ ରଥ, ଏସ୍‌ଡିଜେଏମ୍ ସାନ୍ତାଶ୍ରୀ ମହାନ୍ତି, ଜେଏମ୍ଏଫ୍‌ସି ବର୍ଷା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଜଗଦୀଶ ଗମାଙ୍ଗଙ୍କ ସମେତ ଆଇନଜୀବୀ ମାନେ ଉପସ୍ଥିତ ଥିଲେ।

### ଭୀମପୁର ସ୍କୁଲ ପିଲାଙ୍କ ସମସ୍ୟା ବୁଝିଲେ ଟିଟିମିରିର ଶିକ୍ଷକ

ଗୁଣପୁର,୧୮।୭(ଡି.ଏନ୍.ଏ.)-ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗୁଣପୁର ବ୍ଲକ ଭୀମପୁର ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରବିବାର ପାଣି ପଶିଯାଇଥିଲା। ହଷ୍ଟେଲରେ ପାଣି ପଶିଯିବାରୁ ସେଠାରେ ରହୁଥିବା ପିଲାମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ସୋମବାର ନିକଟସ୍ଥ ଟିଟିମିରି ସ୍କୁଲର ଶିକ୍ଷକମାନେ ଭୀମପୁର ସ୍କୁଲକୁ ଯାଇ ପିଲାଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଅନ୍ତେବାସୀ ପିଲାଙ୍କୁ ଚୁଡ଼ା ଓ ବିସ୍କୁଟ ପ୍ରଦାନ କରିଥିଲେ।

# ୨ କୋଠରିରେ ପଢୁଛନ୍ତି ୮ ଶ୍ରେଣୀର ପିଲା

ଚନ୍ଦାହାଣ୍ଡି ୧୮।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ପଞ୍ଚାୟତ ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ। ୮ଟି ଶ୍ରେଣୀର ପିଲା ଖୁନ୍ଦାଖୁନ୍ଦି ହୋଇ ଦୁଇଟି କକ୍ଷରେ ବସୁଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ ବାରମ୍ବାର ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ତେଣୁ ଏଠାରେ ପିଲାଙ୍କୁ ପାଠ ପଢ଼ାଇବାକୁ ଅଭିଭାବକମାନେ ଇଚ୍ଛା କରୁନାହାନ୍ତି। ଏ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଅଭିରାମ ପାଣ୍ଡେ, ଅଧିରାଜ ପାଣ୍ଡେ, ଘେନୁ ଜଗତ, ଦେବାନନ୍ଦ ସୁନା, ଶିକ୍ଷାବିତ୍ ବଦନ ପାଣ୍ଡେ ପ୍ରମୁଖ ଦାବି କରିଛନ୍ତି।

ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେବାକୁ ୧୯୬୭ରେ ନୂଆପଡ଼ାରେ ଏକ ପ୍ରାଥମିକ




ବିଦ୍ୟାଳୟ ଖୋଲା ଯାଇଥିଲା। ଏଥିରେ ନୂଆପଡ଼ା ସମେତ ଅନକାବେଡା ଏବଂ ଚକାମାଳର ପିଲାମାନେ ପଢୁଥିଲେ। ୨୦୦୮ରେ ଏହାକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଗଲା। ବର୍ତ୍ତମାନ ଏଥିରେ ସର୍ବମୋଟ ୧୧୧ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍କୁଲରେ ପ୍ରଧାନଶିକ୍ଷକଙ୍କ ସମେତ ୫ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ ୨ଟି ଶ୍ରେଣୀ ଗୃହ, ଗୋଟିଏ ରୋଷେଇ ଘର ଏବଂ ଗୋଟିଏ ଷ୍ଟୋର ରୁମ୍ ରହିଛି। ସ୍କୁଲରେ ଶ୍ରେଣୀଗୃହ ଅଭାବ ହେତୁ ପ୍ରତି କ୍ଲାସର ପିଲାଙ୍କୁ ଦୁଇ ଭାଗ କରି ପଢ଼ାଯାଉଛି। ବର୍ଷା ନ ହେବା ଦିନ ବାରଣ୍ଡାରେ ପିଲାଙ୍କୁ ପଢାଯାଉଛି ବୋଲି ପ୍ରଧାନ ଶିକ୍ଷକ ମୋହନ ମାଝି କହିଛନ୍ତି। କୋଠରି ଅଭାବ ହେତୁ ପିଲାମାନଙ୍କୁ କ୍ଲାସ ରୁମ୍‌ରେ ମଧ୍ୟାହ୍ନଭୋଜନ ଦିଆଯାଉଛି। ବିଦ୍ୟାଳୟ ପରିଚାଳନା କମିଟି ଶ୍ରେଣୀ ଗୃହ ପାଇଁ ରିଜୋଲ୍ୟୁଶନ କରି ବିଇଓଙ୍କୁ ଦେଇଥିବା ପରିଚାଳନା କମିଟି ସଭାପତି ଭାସ୍କର

**ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ପାଣ୍ଡେ କହିଛନ୍ତି। ଡିପିଇପି ପକ୍ଷରୁ ଏକ ଅତିରିକ୍ତ ଶ୍ରେଣୀଗୃହ ମଞ୍ଜୁର ହୋଇଥିଲା। ଏହାକୁ ତତ୍କାଳୀନ ପ୍ରଧାନଶିକ୍ଷକ ଅଧାପନ୍ତରିଆ କରି ଛାଡିଥିବାରୁ ଏହା ପରିତ୍ୟକ୍ତ ଏବଂ ବିପଦସଙ୍କୁଳ ଅବସ୍ଥାରେ ରହିଛି ବୋଲି କମିଟି ସଭାପତି ପାଣ୍ଡେ କହିଛନ୍ତି। ଏ ନେଇ ଚନ୍ଦାହାଣ୍ଡି ଏବିଇଓ ବିଜୟାନନ୍ଦ ସୋରିଙ୍କୁ ପଚାରିବାରୁ ଶ୍ରେଣୀଗୃହ ନ ଥିବା ବିଦ୍ୟାଳୟ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି। ସେଥିରେ ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାମ ପ୍ରଥମରେ ରହିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଅନକାବେଡା ସମିତି ସଭ୍ୟା ଗୌରୀ ନାଗଙ୍କୁ ପଚାରିବାରୁ ବିଧାୟକ ପାଣ୍ଠିରୁ ଶ୍ରେଣୀ ଗୃହ ପାଇଁ ୬ ଲକ୍ଷ ଆଇଟିଡିଏ ତରଫରୁ ଦିଆଯାଇଛି ବୋଲି କହିଛନ୍ତି।



ମା'ଙ୍କୁ ସହର ପରିକ୍ରମା କରାଯାଉଛି।

## ଜମିଲା ପେଣ୍ଡ୍ରାଣୀ ମା'ଙ୍କ ଯାତ୍ରା, ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଉମରକୋଟ, ୧୮।୭(ସ୍ୱ.ପ୍ର.)

ଦୀର୍ଘ ଦୁଇ ବର୍ଷପରେ ଉମରକୋଟର ଗ୍ରାମ ଦେବୀ ମା ପେଣ୍ଡ୍ରାଣୀଙ୍କ ଯାତ୍ରା ମହାଆଡମ୍ବରରେ ପାଳନ କରାଯାଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ମା'ଙ୍କ ଦର୍ଶନ ନିମନ୍ତେ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହେଇଥିଲା। ସକାଳୁ ମାଁ ପେଣ୍ଡ୍ରାଣୀଙ୍କ ମହା ଆଳତି, ଷୋଳଶ ଉପଚାର, ପଣା ଆଦି ରୀତିନୀତି ସହ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେକ ବର୍ଷ ରଥଯାତ୍ରାର ଠିକ୍ ୧୬ ଦିନ ପରେ ଶ୍ରାବଣ ମାସରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୁଏ । ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ତଥା ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ଶହ ଶହ ଭକ୍ତଙ୍କ ଭିଡ଼ ଲାଗିଥାଏ। ମା'ଙ୍କ ଦର୍ଶନ କରିବା ପରେ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ମା'ଙ୍କୁ ଯେକୌଣସି ମନସ୍କାମନା କଲେ ତାହା ପୂରଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଅପରାହ୍ନରେ ଏକ ବିରାଟ ଶୋଭାଯାତ୍ରାରେ ଶିରା, ଲାଠି ଏବଂ ହଜାର ହଜାର ଭକ୍ତଙ୍କ ଗହଣରେ ମା' ସହର ପରିକ୍ରମା କରିଥିଲେ। ମା'ଙ୍କ ଶିରା ବଲ୍ଲଭ ମାଳି କଣ୍ଟା ଲାଗିଥିବା ଚୌକିରେ ବସି ଭକ୍ତଙ୍କୁ ଫୁଲ ଚାଉଳ ପ୍ରଦାନ କରିଥାନ୍ତି। ମା'ଙ୍କ ଏହି ଯାତ୍ରା ଶହଶହ ବର୍ଷ ଧରି ଚାଲି ଆସୁଛି। ଉମରକୋଟକୁ ବିପଦ, ରୋଗ ବୈରାଗ ନ ଆସିବା ସହ ଏବଂ ସମସ୍ତେ ସୁଖ ସମୃଦ୍ଧିରେ ରହିବା ଉଦ୍ଦେଶ୍ୟରେ ମା'ଙ୍କ ଏହି ଯାତ୍ରା ପ୍ରତିବର୍ଷ ପାଳିତ ହୁଏ। ମନ୍ଦିରର ଉଗ୍ର ପୂଜାରୀ ସମସ୍ତ ପୂଜା କରିଥିଲେ। ଯାତ୍ରା କମିଟି ସଭାପତି ପି. ରାବଣା ରାଓ, ସମ୍ପାଦକ ଗଜେନ୍ଦ୍ର ନାୟକ, ଭୈରବ ମିଶ୍ର, ଗୋପାଳ ପଟ୍ଟନାୟକ, ଅଶୋକ ପ୍ରଧାନ, କିଶୋର ସାହୁ, ହେମନ୍ତ ଜେନା, ଜି. ହୃଷୀକେଶ ରାଓ, ବିଦ୍ୟାଧର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଛାତ୍ରଙ୍କୁ ମାଡ଼ମାରି ହାତ ଭାଙ୍ଗିବା ଘଟଣା ଅଭିଯୁକ୍ତ ଶିକ୍ଷକ ଚାକିରିରୁ ନିଲମ୍ବିତ

ଚନ୍ଦାହାଣ୍ଡି, ୧୮।୭(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପ୍ଲାଷ୍ଟିକ ପାଇପରେ ବାଡେଇ ହାତ ଭାଙ୍ଗିଥିବା ଘଟଣାରେ ଶିକ୍ଷକ ଉମେଶ ସୁନାନୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ଘଟଣାକୁ ଗୁରୁତ୍ୱ ଦେଇ ପତ୍ର ସଂଖ୍ୟା ୧୩୫୮ରେ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ନେଇ ବିଡିଓ ଧର୍ମରାଜ ମାଝି ସୂଚନା ଦେଇଛନ୍ତି। ଉକ୍ତ ନିଲମ୍ବନ ପତ୍ରକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଘୁମଣି



ଜାନିଙ୍କୁ ପଠାଯାଇଥିବା ସେ କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଚନ୍ଦାହାଣ୍ଡି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି କହିଛନ୍ତି। ଛାତ୍ରଙ୍କ ବାପା ତ୍ରିଲୋଚନ ବାଘ ଶିକ୍ଷକ ନାମରେ ଦେଇଥିବା ଏତଲା ଅନୁଯାୟୀ ଚନ୍ଦାହାଣ୍ଡି ଥାନା କେସ୍ ନଂ. ୮୪/୨୨ରେ ଏକ ମାମଲା ରୁଜୁ ହୋଇଛି। ତଥାପି ମଧ୍ୟ ବର୍ତ୍ତମାନ ସୁଦ୍ଧା ଶିକ୍ଷକ ଚନ୍ଦାହାଣ୍ଡି ଥାନାରେ ହାଜର ହୋଇ ନ ଥିବା ଥାନା ସୂତ୍ରରୁ ଜଣାପଡିଛି। ଏଦିଗରେ ଜିଲା ପ୍ରଶାସନ ଘଟଣାର ନିରପେକ୍ଷ ତଦନ୍ତକରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ୧୧ ତାରିଖ ରାତି ୯ଟାରେ ସମୟ ଧୋଡ଼ିପାଣି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ଆଦିତ୍ୟ ବାଘ ନାମକ ଜଣେ ଛାତ୍ର ଓ ଅନ୍ୟ ସହପାଠୀଙ୍କ ମଧ୍ୟରେ ମାଡ଼ଗୋଳ ହୋଇଥିଲା। ଶିକ୍ଷକ ଉମେଶ ସୁନାନୀ ଦୁଇ ଛାତ୍ରଙ୍କୁ ବୁଝାଶୁଝା କରିବା ବଦଳରେ ରାଗି ଯାଇ ଆଦିତ୍ୟ ବାଘଙ୍କୁ ପ୍ଲାଷ୍ଟିକ ପାଇପରେ ପିଟିବାରୁ ତାଙ୍କ ହାତ ଭାଙ୍ଗି ଯାଇଥିଲା। ଛାତ୍ରଙ୍କ ବାପା ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଏକ ମାମଲା ରୁଜୁକରି ଏହାର ତଦନ୍ତ ଭାର ଏସ୍‌ଆଇ ଶିବପ୍ରସାଦ ମହାନ୍ତିଙ୍କୁ ଦେଇଛନ୍ତି।

## ମାଁ ମାର୍କମା ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ବିଷମକଟକ,୧୮।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ସ୍ଥିତ ମାଁ ମାର୍କମା ମହାବିଦ୍ୟାଳୟରେ ସୋମବାର ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ମାନେ ଅସାମାଜିକ କାର୍ଯ୍ୟରୁ ଦୂରେଇ ରହି ଯେପରି ସଂସ୍କାରୀ ହୋଇପାରିବେ ଏବଂ ବିଜ୍ଞାନ ଓ କଳା ସ୍ରୋତରେ ନିଜକୁ ନିୟୋଜିତ କରି ସମାଜରେ ଉତ୍ତମ ପରିଚୟ ସୃଷ୍ଟି କରିପାରିବେ ତାହା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ କ୍ୟାପ୍‌ଟେନ ବି. ରବିଶଙ୍କର, ଅଶ୍ୱିନୀ କୁମାର ପଣ୍ଡା, ସଞ୍ଜୟ କୁମାର ତ୍ରିପାଠୀ, ଦୀପ୍ତିରାଣୀ ମିଶ୍ର, ନିରଞ୍ଜନ ପାଢ଼ିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କ୍ରାଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶ୍ରାବଣ ପ୍ରଥମ ସୋମବାର, ଚଳଚଞ୍ଚଳ ଶୈବପୀଠ



ବୋଲବମ୍ ଭକ୍ତମାନେ ଶିବଙ୍କ ଠାରେ ଜଳାଭିଷେକ ପାଇଁ ଯାଉଛନ୍ତି।

ଗୁଣପୁର,୧୮।୭(ଡି.ଏନ୍.ଏ.)

ଶ୍ରାବଣ ମାସର ପ୍ରଥମ ସୋମବାର ଲାଗି ରାୟଗଡ଼ା ଜିଲା ଗୁଣପୁରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଏବଂ ବୋଲବମ୍ ଭକ୍ତଙ୍କ ଭିଡ଼ ଜମିଥିଲା। ବୋଲବମ୍ ଭକ୍ତମାନେ ବଂଶଧାରା ନଦୀରୁ ଜଳଆଣି ଶିବଙ୍କ ଠାରେ ଲାଗି କରିଥିଲେ। ଉମା ରାମଲିଙ୍ଗେଶ୍ୱର ବୋଲବମ୍ ସଂଘ, ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର ବୋଲବମ୍ ସଂଘ ପକ୍ଷରୁ କାଶୀ ବିଶ୍ୱନାଥ ମନ୍ଦିର ସହ ଉମା ରାମଲିଙ୍ଗେଶ୍ୱର ମନ୍ଦିରରେ ଜଳାଭିଷେକ କରାଯାଇଥିଲା।

## ବ୍ରେକ୍‌ଡାଉନ୍ ଯୋଗୁ ଅଟକିଲା ଆମ୍ବୁଲାନ୍ସ, ରୋଗୀ ହନ୍ତସନ୍ତ

ପାପଡ଼ାହାଣ୍ଡି,୧୮।୭(ଡି.ଏନ୍.ଏ.)

କେତେବେଳେ ଠେଲିଲେ ଚାଲୁଛି ତ କେତେ ବେଳେ ଟାୟାର ପଙ୍କ୍‌ଚର ହୋଇ ଯାଉଛି। କେତେବେଳେ ବ୍ରେକ୍‌ଡାଉନ୍ ତ ଆଉ କେତେବେଳେ ଗାଡ଼ିଷ୍ଟାର୍ଟରେ ସମସ୍ୟା। ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆମ୍ବୁଲାନ୍ସରେ ଆସି ରୋଗୀ କେବଳ ହନ୍ତସନ୍ତ ହେଉଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ସପ୍ତାହକ ମଧ୍ୟରେ ୨ଥର ଆମ୍ବୁଲାନ୍ସ ଖରାପ ହେବା ଘଟଣା ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସୋମବାର ବ୍ରେକ୍‌ଡାଉନ୍ ଯୋଗୁ ଦୁର୍ଘଟଣାରେ ଗୁରୁତର ଛାତ୍ରୀଙ୍କୁ ଡାକ୍ତରଖାନା ନେଉଥିବା ଆମ୍ବୁଲାନ୍ସ ଅଟକିଯିବା ଘଟଣାକୁ ନାପସନ୍ଦ କରିଛନ୍ତି ଅଞ୍ଚଳବାସୀ।

ପାପଡ଼ାହାଣ୍ଡି ବ୍ଲକ ହାତୀବେଢ଼ା ପଞ୍ଚାୟତ ଶୁଣ୍ଡିଗୁଡ଼ା ଗ୍ରାମର ପଙ୍କଜିନୀ ବିଷୋୟୀ ସୋମବାର ଡାବୁଗାଁ ସ୍କୁଲକୁ ଯିବା ସମୟରେ ମଦ ଦୋକାନ ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସାଙ୍ଗେସାଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାହାଣ ହାତ ଭାଙ୍ଗିବା ସହ ଜୋରରେ ମାଡ଼ ବାଜିଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏକ ଆମ୍ବୁଲାନ୍ସ (ଓଡି- ୦୨ବିଜେ-୯୬୪୭) ଯୋଗେ ତାଙ୍କୁ ନବରଙ୍ଗପୁର ନିଆଯାଉଥିଲା। କିନ୍ତୁ ପାପଡାହାଣ୍ଡି ଶହୀଦ ମିନାର ନିକଟରେ ଆମ୍ବୁଲାନ୍ସର ବ୍ରେକ୍ ଫେଲ୍ ହୋଇଯିବା ଯୋଗୁ ଆଉ ଆଗକୁ ଯାଇପାରିନଥିଲା। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଭିତରେ ପଙ୍କଜିନୀ ଛଟପଟ ହୋଇଥିଲେ। ଏକ ଘଣ୍ଟା ପରେ ଅନ୍ୟ ଏକ ଆମ୍ବୁଲାନ୍ସରେ ପଙ୍କଜିନୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବାରମ୍ବାର ଆମ୍ବୁଲାନ୍ସ ଖରାପକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗତ ୧୬ ତାରିଖରେ ଜଟାବାଲରେ ଆମ୍ବୁଲାନ୍ସର ଟାୟାର ପଙ୍କ୍‌ଚର ଯୋଗୁଁ ଜଣେ ଗର୍ଭବତୀଙ୍କୁ ନେବାରେ ବିଳମ୍ବ ହେବାରୁ ସେ ଗାଡି ଭିତରେ ପ୍ରସବ କରିଥିଲେ। ଜିଲା ପ୍ରଶାସନ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି।



ଆମ୍ବୁଲାନ୍ସ ଭିତରେ ପଙ୍କଜିନୀ।

## ରେଳ ଫାଟକଠାରେ ଓଭର ବ୍ରିଜ୍ ନିର୍ମାଣ ପାଇଁ ସର୍ଭେ ଆରମ୍ଭ



ଅଧିକାରୀମାନେ ସର୍ଭେ କରୁଛନ୍ତି ।

ମୁନିଗୁଡ଼ା,୧୭।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସ୍ଥିତ ତିନି କୋଣିଆ ଛକ ନିକଟ ରେଳ ଫାଟକଠାରେ ଓଭର୍ ବ୍ରିଜ୍ ନିର୍ମାଣ ନିମନ୍ତେ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା। ଏବେ ଜିଲାପାଳ ସ୍ୱଧା ଦେବ ସିଂଙ୍କ ନିର୍ଦ୍ଦେଶ କ୍ରମେ ସେହି ସ୍ଥାନରେ ଓଭର୍ ବ୍ରିଜ୍ ନିର୍ମାଣ ପାଇଁ ସର୍ଭେ ଆରମ୍ଭ ହୋଇଛି। ପ୍ରଶାସନିକ ଅଧିକାରୀ, ରେଲ୍‌ୱେ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଦ୍ୱାରା ମିଳିତ ସର୍ଭେ ଆରମ୍ଭ ହୋଇଛି।

ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼, ଆର୍‌ଆଇ ନୀଳାଞ୍ଚଳ ଗୌଡ଼, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଏଆର୍‌ଟିଓ ଅଶୋକ କୁମାର ପାଣିଗ୍ରାହୀ, ରେଲ୍‌ୱେର ରାଜେନ୍ଦ୍ର ପ୍ରଧାନଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତିନିକୋଣିଆ ଛକ ଠାରେ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ସହ ସମସ୍ତ କାର୍ଯ୍ୟ କିପରି ସୁରୁଖୁରୁରେ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସର୍ଭେ କାର୍ଯ୍ୟ ଆରମ୍ଭ ପରେ ଜନସାଧାରଣଙ୍କ ସମେତ ବ୍ୟବସାୟୀଙ୍କ ମନରେ ଖୁସି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ତିନିକୋଣିଆ ରେଳ ଫାଟକ ନିକଟରୁ ରେଲ୍‌ୱେର କିଛି ଜାଗା ଅଧିଗ୍ରହଣ କରାଯାଇ ଓଭରବ୍ରିଜ୍ ନିର୍ମାଣ କରାଯିବ ବୋଲି ରେଲୱେ ଉଚ୍ଚପଦସ୍ଥ ଅଧିକାରୀ ମାନେ କହିଛନ୍ତି। ଏହି ଓଭର ବ୍ରିଜ୍ ନିର୍ମାଣ ପରେ ଦୀର୍ଘ ଦିନ ଧରି ମୁନିଗୁଡ଼ାରେ ଲାଗି ରହିଥିବା ଟ୍ରାଫିକ ସମସ୍ୟା ସମାଧାନ ହେବ ବୋଲି ତହସିଲଦାର କହିଛନ୍ତି।

## ଅଞ୍ଚଳରେ ମଦ ବନ୍ଦ କରିବାକୁ ଏସ୍‌ଏଚ୍‌ଜି ମହିଳାଙ୍କ ଦାବି

ଚନ୍ଦ୍ରପୁର/ରାୟଗଡ଼ା ଅଫିସ,୧୮।୭(ଡି.ଏନ୍.ଏ.)

**ଚନ୍ଦ୍ରପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଚନ୍ଦ୍ରପୁର ବ୍ଲକଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧା ଦେବ ସିଂ, ଅତିରିକ୍ତ ଏସ୍‌ପି ରାମଚନ୍ଦ୍ର ସାହୁ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳବେହେରା, ଏଡିଏମ୍‌ଓ ଡା. ଏଲ୍.ଏନ୍. ପୃଷ୍ଟି, ଡିଇଓ ପୂର୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧକ୍ଷ କଇନ କିମ୍ବାକା, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିଲେ। ମୋଟ ୧୦୬ଟି ଅଭିଯୋଗ ଆଗତ ହୋଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ୩ ଜଣକୁ ୫ହଜାର ଲେଖାଏ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆଉ ୨ଜଣକୁ ୫ହଜାର ଲେଖାଏ ମୋଟ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବ୍ଲକରେ ଅବାଧରେ ମଦ କାରବାର ହେଉଥିବାରୁ ତାହାକୁ ବନ୍ଦ କରିବାକୁ ଏସ୍‌ଏଚ୍‌ଜି ମହିଳାମାନେ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲାପାଳ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା ସହ ଚାରାରୋପଣ କରିଥିଲେ। ତହସିଲ କାର୍ଯ୍ୟାଳୟକୁ ଯାଇ ୧୪ ବିଦ୍ୟାଳୟର ଆର୍‌ଓଆର ପଟ୍ଟା ସହ ୨୭ଜଣକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ଚନ୍ଦ୍ରପୁର ସ୍ଥିତ ୫-ଟି ଅଧୀନ ହାଇସ୍କୁଲ ପରିଦର୍ଶନ କରି ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।




ଜିଲାପାଳଙ୍କ ନିକଟକୁ ଅଭିଯୋଗ ଜଣାଇବାକୁ ଆସିଥିବା ଜନସାଧାରଣ।

## ଲୋକଙ୍କ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ

ନବରଙ୍ଗପୁର/ପାପଡାହାଣ୍ଡି, ୧୮।୭(ବି.ପ୍ର./ଡି.ଏନ୍.ଏ.)

- ପାପଡ଼ାହାଣ୍ଡିରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର
- ୩୨ ଅଭିଯୋଗର ଶୁଣିଲେ ଜିଲାପାଳ
- ଦିବ୍ୟାଙ୍ଗଙ୍କୁ ମିଳିଲା ସହାୟତା

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୨ଜଣଙ୍କର ଆପତ୍ତି, ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ଗୋଷ୍ଠୀଗତ ହୋଇଥିବା ବେଳେ ୨୨ଗୋଟି ବ୍ୟକ୍ତିଗତ ଆପତ୍ତି, ଅଭିଯୋଗ ଥିଲା। ସେଥିମଧ୍ୟରୁ ଜମିଜମା, ପଡ଼ିକାର୍ଡ, ନିଯୁକ୍ତି, ରାସ୍ତା ନିର୍ମାଣ, ମରାମତି, ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବା, ଆଡ଼ିବନ୍ଧ ତିଆରି, ସ୍କୁଲ ଗୃହ ମରାମତି, ସ୍ୱାସ୍ଥ୍ୟସେବା, ବିଜୁଳି ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଆବାସ ଆଦି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଡ. କମଳ ଲୋଚନ ମିଶ୍ର ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୯ଟି ଟ୍ରାଇ ସାଇକେଲ,୧୦ଟି ହୁଇଲ୍ ଚେୟାର,୧୫ଟି ୟୁଡିଆଇଡି, ସ୍ମାର୍ଟ କାର୍ଡ, ଦୁଇ ଯୋଡ଼ା ଆଶାବାଡି ଜିଲାପାଳ ମିଶ୍ର ଏବଂ ଏସ୍‌ପି ଏସ୍.ସୁଶ୍ରୀ ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉକ୍ତ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୧୦ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ପ୍ରଶାସକ ଆଦିବାସୀ ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝି, ବିଡିଓ ରଞ୍ଜିତା ମଲ୍ଲିକ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଡିଇଓ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ତହସିଲଦାର, ବ୍ଲକ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ସହାୟତା ପାଇଥିବା ଦିବ୍ୟାଙ୍ଗମାନେ।

# କମୁଛି ବନ୍ୟା ଜଳ, ସ୍ୱାଭାବିକ ହେଉଛି ସ୍ଥିତି

■ କେତେକ ସ୍ଥାନରେ ଲୋକେ ନିଜ ଘରକୁ ଫେରିଛନ୍ତି
■ ମୋଟୁର ଅନେକ ସ୍ଥାନ ଜଳ ଘେରରୁ ମୁକ୍ତ ହୋଇଛି
■ ବନ୍ୟା ଜଳ ସମ୍ପୂର୍ଣ୍ଣ କମିଲେ କ୍ଷୟକ୍ଷତିର ଆକଳନ

ମାଲକାନଗିରି,୧୮।୭(ଡି.ଏନ.ଏ.)

ପୋଲାଭରମ ପ୍ରକଳ୍ପ ଶେଷ ନ ହେଉଣୁ ବନ୍ୟା ସ୍ଥିତି ଉପୁଜି ମାଲକାନଗିରି ଜିଲାର ଅନେକ ଗ୍ରାମରେ କ୍ଷୟକ୍ଷତି ଘଟାଇଛି। ଗତ ୪ ଦିନ ଧରି ପୋଲାଭରମର ପଛୁଆ ଜଳରେ ମାଲକାନଗିରି ଜିଲ୍ଲାର ମୋଟୁ, ଆଲମା, ବିନାୟକପୁର ଏବଂ ଆଖପାଖର ଅନେକ ଗ୍ରାମ ସହ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗନା ରାଜ୍ୟର ଅନେକ ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜି ଥିଲା। ସୋମବାର ଏହି ସବୁ ଅଞ୍ଚଳରେ ବନ୍ୟାଜଳ ସ୍ତର କମିଛି। ଗୋଦାବରି ନଦୀରେ ଜଳ ସ୍ତର କମିବାରୁ ସ୍ଥିତିରେ ସୁଧାର ଆସୁଥିବା କୁହାଯାଇଛି। ମୋଟୁରୁ ଚିନ୍ତୁରକୁ ସଂଯୋଗ କରୁଥିବା ବ୍ରିଜ ସମ୍ପୂର୍ଣ ରୂପେ ଜଳଘେରରୁ ମୁକ୍ତ


ବନ୍ୟାଜଳ କମିଥିବା ଅଞ୍ଚଳ ।

ହୋଇଛି। ଜିଲାରେ ଉପୁଜିଥିବା ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା କରାଯାଇଥିଲା। ଅଧିକାରୀ ମାନେ ଓ ଅଗ୍ନିଶମ ବିଭାଗ, ଓଡ୍ରାଫ ଦଳ ମୋଟୁ ଅଞ୍ଚଳରେ ୨୪ ଘଣ୍ଟା ବନ୍ୟା ବିପନ୍ନଙ୍କୁ ସହାୟତା କରିବାରେ ଲାଗିଥିଲେ। ଯେପରି କୌଣସି ଲୋକଙ୍କ ଧନ ଜୀବନ ନଷ୍ଟ ନ ହୁଏ ସେଥିପ୍ରତି ସମସ୍ତ ସରକାରୀ କଳକୁ ନିୟୋଜିତ କରାଯାଇଥିଲା। ତେବେ ମୋଟୁ ଅଞ୍ଚଳରେ କ୍ଷତିଗ୍ରସ୍ତ ଲୋକେ ଚିନ୍ତିତ ହୋଇପଡିଛନ୍ତି। ଆଗରୁ ଏଭଳି ବନ୍ୟା ଦେଖି ନ ଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ମୋଟୁର ଅନେକ ସ୍ଥାନ ଜଳ ଘେରରୁ ମୁକ୍ତ ହୋଇଛି। କେତେକ ସ୍ଥାନରେ ଲୋକେ ନିଜ ଘରକୁ ଯାଇଛନ୍ତି। ଘରର ହୋଇଥିବା କ୍ଷତି ଦେଖି ସେମାନେ ଭାଙ୍ଗି ପଡିଛନ୍ତି। ଏହି ବନ୍ୟାରେ କାହାର ଘର ଭାଙ୍ଗିଛି ତ ଆଉ କାହାର ଅନେକ ଆସବାବପତ୍ର ନଷ୍ଟ ହୋଇଛି। ଅନେକ ଲୋକେ ନିଜ ଘରେ ରଖିଥିବା ଗୃହ ପାଳିତ ପ୍ରାଣୀଙ୍କୁ ମଧ ହରାଇଛନ୍ତି। ତେବେ ବର୍ତ୍ତମାନ ବନ୍ୟା ପୀଡିତଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ ପାନୀୟ ଜଳ ଏବଂ ରହିବା ପାଇଁ ସମସ୍ତ ସୁବିଧା କରାଯାଇଛି। ବନ୍ୟା ଜଳ ସମ୍ପୂର୍ଣ୍ଣ କମିଲେ କ୍ଷୟକ୍ଷତିର ସଠିକ ଆକଳନ କରାଯାଇପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।


କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତର ହାତୀମୁଣ୍ଡା ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତି ଅନୁଧାନ କରୁଛନ୍ତି ଜିଲାପାଳ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣକରି ବଳାତ୍କାର, ଯୁବକ ଗିରଫ



ଜୟପୁର,୧୮।୭ (ନି.ପ୍ର.)- ଜଣେ ନାବାଳିକାଙ୍କୁ ଅପହରଣକରି ବଳାତ୍କାର କରିଥିବା ଅଭିଯୋଗରେ ଜୟପୁର ମହିଳା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୋରିଗୁମ୍ମା ଥାନା ଅନ୍ତର୍ଗତ ଚାରଗାଁର ହରିଶଚନ୍ଦ୍ର ହରିଜନ (୨୨)। ପୋଲିସ ସୂଚନା ଅନୁଯାୟୀ ବୋରିଗୁମ୍ମା ଅଞ୍ଚଳର (୧୩) ବର୍ଷର ଜଣେ ନାବାଳିକାଙ୍କୁ ଉକ୍ତ ଗ୍ରାମର ହରିଶଚନ୍ଦ୍ର ଅପହରଣ କରି ନେଇ ବଳାତ୍କାର କରି ଛାଡ଼ି ଦେଇଥିଲେ। ଏନେଇ ନାବାଳିକା ଜଣକ ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ୮୧/୨୨ରେ ମାମଲା ରୁଜୁକରି ଏହାର ତଦନ୍ତ କରି ଚାରଗାଁରୁ ହରିଶଚନ୍ଦ୍ରଙ୍କୁ ଗିରଫ କରିଥିଲା। ଉଭୟ ନାବାଳିକା ଓ ଅଭିଯୁକ୍ତ ହରିଶଚନ୍ଦ୍ରଙ୍କ ଡାକ୍ତରୀ ମାଇନା କରିଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଗ୍ରାମକୁ ଜିଲାପାଳ ନ ଆସିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ

ଏମ୍‌ଭି ୭୯,୧୮।୭(ଡି.ଏନ.ଏ.)- ମାଲକାନଗିରି ଜିଲା ମୋଟୁ ନବନିର୍ମିତ ବସଷ୍ଟାଣ୍ଡ ଗୃହରେଠାରେ ୫ଟି ଗ୍ରାମ ବନ୍ୟା ପୀଡ଼ିତଙ୍କୁ ନେଇ ହେଉଥିବା କାର୍ଯ୍ୟକ୍ରମରେ ଜିଲାପାଳ ବିଶ୍ୱାଲ ସିଂହଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବନ୍ୟା କ୍ଷତିଗ୍ରସ୍ତ ହେଇଥିବା ମୋଟୁ,ଆଲମା, ମୁରଲିଗୁଡା, ପେଣ୍ଟଟା, ରେଡିପାଲ ଏବଂ କତାଗୁଡ଼ା ଗ୍ରାମର ଲୋକଙ୍କୁ ନେଇ ବିଡ଼ିଓ ଉମାଶଙ୍କର ଦଳେଇ, ଅତିରିକ୍ତ ତହସିଲଦାର ଶବିର ଶେଖ, ପିଇଓ କେଶବ ଖରାଙ୍କ ସହ ଅନ୍ୟ କର୍ମଚାରୀମାନେ ବନ୍ୟା ବିପତ୍ତିକୁ କିପରି ସମ୍ମୁଖିନ ହୋଇ ମୁକାବିଲା କରିବା, ଏହାର ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ୫ଟିଗ୍ରାମର ଗ୍ରାବାସୀ ଜିଲାପାଳ ମୋଟୁ ଆସି ଆମ ଅସୁବିଧା ଅଭିଯୋଗ ନ ଶୁଣି କିପରି ଚାଲିଗଲେ ବୋଲି ପ୍ରଶ୍ନ ଉଠାଇଥିଲେ। ବିଡ଼ିଓ ଲୋକଙ୍କୁ ବୁଝାଶୁଝା କରିବାରୁ ଲୋକେ ଶାନ୍ତ ହୋଇଥିଲେ।

### ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଦାବି

ଜୟପୁର,୧୮।୭ (ନି.ପ୍ର.)-ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବାକୁ ଉମୁରି ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ସବିତା ନାୟକଙ୍କ ନେତୃତ୍ୱରେ ସୋମବାର ଗ୍ରାମବାସୀ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଏହି ଦାବି କରିଛନ୍ତି। ଏହି ଅବସରରେ ସେମାନେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଉମୁରି ପଞ୍ଚାୟତକୁ ଲାଗି ମୁଖ୍ୟ ଚିକିତ୍ସାଳୟ ରହିଛି। ଚିକିତ୍ସାଳୟକୁ ପ୍ରତ୍ୟହ ଅନେକ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଚିକିତ୍ସାଳୟ ନିକଟରେ କୌଣସି ଶୌଚାଳୟ ନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟ ଶୌଚ ହେବାପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ତୁରନ୍ତ ଜିଲା ଚିକିତ୍ସାଳୟ ନିକଟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବାକୁ ସରପଞ୍ଚଙ୍କ ସହ କେଶବ ହରିଜନ, ଲଲି ନାୟକ, ମନୋ ଖରାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

### ରାସ୍ତା ନିର୍ମାଣ ନେଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଜୟପୁର, ୧୮।୭ (ନି.ପ୍ର.)-ଜୟପୁର ବ୍ଲକର ହାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ପଟରା-ଖଇରାମୁଣ୍ଡିଠାରୁ ତେଲିଆ ରାସ୍ତା ନିର୍ମାଣ ପାଇଁ ସୋମବାର ସାମାଜିକ କର୍ମୀ ବି.ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟିଥିଲେ। ରାସ୍ତା ନିର୍ମାଣ ଲାଗି ସେମାନେ ଏକ ଦାବିପତ୍ର ଦେଇଥିଲେ। ପଟରା-ଖଇରାମୁଣ୍ଡିଠାରୁ ତେଲିଆ ପ୍ରାୟ ୨ କି.ମି. ରାସ୍ତା ମେଟାଲ, ମୋରମ ନ ପକାଇ ଖାଲି ଚିକିଟା ମାଟି ପଡ଼ିଥିଲା। ବର୍ଷାରେ ଏହି ରାସ୍ତାଟି କାଦୁଅ ହୋଇ ଯାତାୟାତରେ ସମସ୍ୟା ହେଉଛି। ସ୍ଥାନୀୟ ଅଞ୍ଚଳର ଲୋକେ ଏନେଇ ବହୁ ହଇରାଣ ହେଉଛନ୍ତି। ରୋଗୀ ନେବାକୁ ଗ୍ରାମକୁ ଆମ୍ବୁଲାନ୍ସ ଆସିବା ମଧ କଷ୍ଟକର ହେଉଛି। ଚାଷ କାର୍ଯ୍ୟ ପାଇଁ ଟ୍ରାକ୍ଟର, ପାୱାର ଟିଲର ନେବା ଆଣିବା ବାଧାପ୍ରାପ୍ତ ହୋଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଶାସନ ତୁରନ୍ତ ଏହାକୁ ପିଚୁରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଆଇସିଏସଇ ବୋର୍ଡ଼ ପରୀକ୍ଷାରେ କୃତିତ୍ୱ ହାସଲ କରି ଶତ ପ୍ରତିଶତ ପାସ୍ କରିଥିବା ମାଲକାନଗିରି ଜିଲାର ଦୀପ୍ତି କନଭେଣ୍ଟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

# ଅଟକି ରହିଥିବା କାର୍ଯ୍ୟ ଉପରେ ଗୁରୁତ୍ୱ

## ୭୮ ଅଭିଯୋଗ ଶୁଣିଲେ ଜିଲାପାଳ

ଦଶମନ୍ତପୁର,୧୮।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଜିଲାପାଳ ମହମ୍ମଦ ଅବଦୁଲ ଅଖତାର ୭୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ବ୍ଲକରେ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ସାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନି, ଉପାଧ୍ୟକ୍ଷ ଅରୁଣ ଚେଟୀ, ଜିଲା ଚିକିତ୍ସା ଅଧିକାରୀ ସୁଶାନ୍ତ ଦାସ, ପିଏ ଆଇଟିଡିଏ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଶିଶୁ ବିକାଶ, ପ୍ରାଣୀ ଚିକିତ୍ସା, ଉଦ୍ୟାନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସିଥିବା ୭୮ଟି ଅଭିଯୋଗରୁ ୧୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬୪ଟି ସାମୂହିକ ଥିଲା। ମାଣ୍ଡିଆଗୁଡ଼ା, ଗୁନର ଭଳି ଅନେକ ଗ୍ରାମରେ ଥିବା ରାସ୍ତା ସମସ୍ୟା,ଦଶମନ୍ତପୁର ଅଞ୍ଚଳରେ ଲାଗି ରହିଥିବା ପାନୀୟ ଜଳ, ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ପୋଲ,୨ଟି ଅଙ୍ଗନୱାଡି ଗୃହ, ବିଦ୍ୟାଳୟ ସମସ୍ୟା ଉପରେ ଶିବିରରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୁବ୍‌ଶୀଘ୍ର ସବୁ ସମସ୍ୟା ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

# ଉଛୁଳା ନଦୀ ହେତୁ ଗର୍ଭବତୀ ମହିଳା ଯାଇପାରିଲେନି ଚିକିତ୍ସାଳୟ

ମାଲକାନଗିରି,୧୮।୭(ଡି.ଏନ.ଏ.)

ଅସହ୍ୟ ହେଲା ପ୍ରସବ ଯନ୍ତ୍ରଣା, ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବଢିବା କାରଣରୁ ନଦୀପାର ହୋଇପାରିଲେ ନାହିଁ ପ୍ରସୂତି। ଶେଷରେ ଡାକ୍ତରଖାନାରେ ପହଞ୍ଚି ନ ପାରି ନଦୀ କୂଳରେ ସନ୍ତାନ ଜନ୍ମ ଦେଲେ। ଏଭଳି ପରିସ୍ଥିତିରେ ଦେବଦୂତ ସାଜି ମହିଳାଙ୍କ ପ୍ରସବ କରାଇବା ପରେ ଡାକ୍ତରଖାନାରେ ସୁରକ୍ଷିତ ଭାବେ ପହଞ୍ଚାଇଥିଲା ମେଡିକାଲ ଟିମ୍। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଗଙ୍ଗାଲୁର ଅଞ୍ଚଳର ଝାରଗୋୟା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଖବରୁ ଜଣାପଡିଛି ଝାରଗୋୟା ଅଞ୍ଚଳର ସରିତା ଗୋଁଦିଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଏକ ଭାରରେ ଝାରଗୋୟା ନଦୀ କୂଳକୁ ଆଣିଥିଲେ। ମାତ୍ର ବର୍ଷା ଯୋଗୁ ନଦୀର ଜଳସ୍ତର ଅଧିକ ଥିବାରୁ ନଦୀ ପାର୍ କରାଇବା ସମ୍ଭବ ହୋଇ ନ ଥିଲା। ନଦୀ ଉପରେ ପୋଲ ନ ଥିଲା। ଏହି ଖବର ସମ୍ପୃକ୍ତ ଅଞ୍ଚଳର ତହସିଲଦାର ପାଇବା ପରେ ତୁରନ୍ତ


ଡାକ୍ତରଖାନା ନେବାକୁ ସରିତାଙ୍କୁ ପରିବାର ଲୋକେ ନଦୀ କୂଳକୁ ଆଣିଛନ୍ତି।

## ଦେବଦୂତ ସାଜିଲା ମେଡିକାଲ ଟିମ୍

ଏକ ଉଦ୍ଧାରକାରୀ ଦଳକୁ ଖବର ଦେଇ ଘଟଣା ସ୍ଥଳକୁ ପଠାଇଥିଲେ। ମହିଳାଙ୍କ ଅତ୍ୟଧିକ ପ୍ରସବ ଯନ୍ତ୍ରଣା ହେତୁ ନଦୀ କୂଳରେ ହିଁ ମେଡିକାଲ ଟିମ୍ ନିରାପଦ ଭାବେ ତାଙ୍କର ପ୍ରସବ କରାଇଥିଲେ। ପରେ ମାଆ ଓ ଶିଶୁଙ୍କୁ ମୋଟର ବୋଟ୍‌ରେ ନଦୀ ପାର୍ କରାଯାଇ ରେଡ୍ଡିଗାଁର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

# ହାତୀମୁଣ୍ଡା ଗ୍ରାମ ସ୍ଥିତି ଅନୁଧାନ କଲେ ଜିଲାପାଳ

## ଡୁମ୍ବାଗୁଡା, ହାତୀମୁଣ୍ଡାରେ ଝାଡାବାନ୍ତି ଘଟଣା

ଦଶମନ୍ତପୁର,୧୮।୭( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତର ହାତୀମୁଣ୍ଡା ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତି ଅନୁଧାନ କରିଛି ଜିଲା ପ୍ରଶାସନ। ସୋମବାର ଏହି ଗ୍ରାମକୁ ଜିଲାପାଳ ଗସ୍ତ କରି ସ୍ଥିତି ପରିଖିଛନ୍ତି। ହାତୀମୁଣ୍ଡା ଓ ଡୁମ୍ବାଗୁଡାରେ ପହଞ୍ଚି ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ପରିବେଶ ଉପରେ ଧାନ ରଖିବାକୁ ପରାମର୍ଶ ଦେଇଥିଲେ। ଗତ ୧୪ତାରିଖିଠାରୁ ଡୁମ୍ବାଗୁଡା ପଞ୍ଚାୟତ ଓ ହାତୀମୁଣ୍ଡା ଗ୍ରାମରେ ଝାଡାବାନ୍ତି ଦେଖା ଦେଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆକ୍ରାନ୍ତ ହୋଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଉଭୟ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ବିଡ଼ିଓ ଡମ୍ବରୁଧର ମଲ୍ଲିକ, ତହସିଲଦାର ଅଜୟ ପ୍ରକାଶ ତିର୍କି, ଜିଲା ଚିକିତ୍ସା ଅଧିକାରୀ ସୁଶାନ୍ତ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୮।୭(ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡ଼ା ନିକଟସ୍ଥ ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୮ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀମଦ ଜବତକରି ନଷ୍ଟ କରାଯାଇଛି। ଏ ସମ୍ପର୍କରେ ସୂଚନା ପାଇ ବିଭାଗୀୟ କର୍ମଚାରୀ ଚଢ଼ାଉ କରିଥିଲେ। ମଦରନ୍ଧା ସରଞ୍ଜାମ, ଜବତ ହୋଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ୍ ଲକ୍ଷ୍ମଣ ରାଓ, ମାଧବେଶ ମାର୍ଣ୍ଣି ସାମିଲ ହୋଇଥିଲେ।

# ବେଆଇନ ପାର୍କିଂ ଫି ଆଦାୟକୁ ଅଟୋ ସଂଘର ବିରୋଧ

## ପ୍ରଶାସନକୁ ଦେଲେ ଦାବିପତ୍ର

କୋରାପୁଟ,୧୮।୭(ସ୍ୱ.ପ୍ର.)

କୋରାପୁଟ ସହରରେ ବେଆଇନ ଭାବେ ପାର୍କିଂ ଫି ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି କୋରାପୁଟ ଅଟୋ ରିକ୍ସା ସଂଘ। ଏହା ବିରୋଧରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ସଂଘ ସଭାପତି ପ୍ରଫୁଲ୍ଲ କୁମାର ଖୋସ୍ଲା ନେତୃତ୍ୱରେ ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଟେଣ୍ଡର ନେଇଥିବା ଜଣେ ବ୍ୟକ୍ତି ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଥିବା ଖୋସ୍ଲା ଅଭିଯୋଗ କରିଛନ୍ତି। ଏଦିଗରେ ତୁରନ୍ତ ନଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ହେବ ତାହା ସଂଘକୁ ଜଣାଇବେ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ କୋରାପୁଟ ବସଷ୍ଟାଣ୍ଡରେ ମ୍ୟୁନିସିପାଲିଟି ପକ୍ଷରୁ ପାର୍କିଂ ଫି ଆଦାୟକୁ କେନ୍ଦ୍ର କରି ଜଣେ ଅଟୋ ଡ୍ରାଇଭରଙ୍କୁ ମାଡ ମରାଯାଇଥିଲା।

# କୋରାପୁଟ ସହରର ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ

କୋରାପୁଟ,୧୮।୭(ସ୍ୱ.ପ୍ର )

କୋରାପୁଟ ସହରରେ ଡେଙ୍ଗୁସ୍ଥିତି ବର୍ତ୍ତମାନ ଉଦ୍‌ବେଗଜନକ ରହିଛି। କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଡେଙ୍ଗୁ ରୋକିବା ନେଇ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଭୟ ଭୀତ ହେବାର କାରଣ ନାହିଁ ବୋଲି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଧା ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ୧୭୦ରୁ ଉର୍ଦ୍ଧ୍ୱ ଚିହ୍ନଟ ହୋଇଥିବାବେଳେ ସେଥିରୁ କୋରାପୁଟ ସହରରେ ପ୍ରାୟ ଅର୍ଦ୍ଧାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। ବର୍ତ୍ତମାନ କୋରାପୁଟ ମେଡିକାଲ କଲେଜରେ ୧୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଚିହ୍ନଟ ବହୁ ରୋଗୀ ମ୍ୟୁନିସିପାଲିଟିରେ ସମସ୍ତ ୱାର୍ଡରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ମଶା ପ୍ରଜନନ ପ୍ରାୟ ଶତାଧିକ ସ୍ଥାନ ଚିହ୍ନଟ କରାଯାଇ ସେସବୁ ସଫା କରାଯାଉଥିବା ଜମାଦାର କହିଛନ୍ତି।

# ୨ ବିଦ୍ୟାଳୟର ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉନି ପ୍ରଶାସନ

■ ଦୀର୍ଘଦିନ ହେଲା ବିଦ୍ୟାଳୟ ଛାତରୁ ପାଣି ଗଳୁଛି
■ ବିଭାଗକୁ ଜଣାଇଛନ୍ତି ପରିଚାଳନା କମିଟି, ଶିକ୍ଷକ

ମାଲକାନଗିରି/କୋରୁକୋଣ୍ଡା, ୧୮।୭(ଡି.ଏନ୍.ଏ.)

ଶିକ୍ଷାର ବିକାଶ ପାଇଁ ଏବଂ ଛାତ୍ରୀଛାତ୍ରମାନେ ଉନ୍ନତମାନର ଶିକ୍ଷା ପାଇବା ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ଶିକ୍ଷାନୁଷ୍ଠାନକୁ କିପରି ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଆସିବେ ସେନେଇ ରାଜ୍ୟ ସରକାର ଅନେକ ବ୍ୟବସ୍ଥା ଗ୍ରହଣ କରିଥିବା ନଜିର ରହିଛି। ମାତ୍ର ମାଲକାନଗିରି ଜିଲାରେ ପ୍ରଶାସନ ଏବଂ ଶିକ୍ଷା ବିଭାଗର ଖାମଖିଆଲି ନୀତି ପାଇଁ ଛାତ୍ରୀଛାତ୍ରମାନେ ଅସୁବିଧା ଭୋଗୁଛନ୍ତି। ଏପରି ଦେଖିବାକୁ ମିଳିଛି ବାଲିମେଳା ଏନ୍‌ଏସିର ଅନ୍ୟ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ୨୦୦୧ରେ ଏନ୍‌ଏସିର ୱାର୍ଡ ନଂ. ୧୨ରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୧୧୬ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରେ ୪୯ ଜଣ ଛାତ୍ର ଥିବାବେଳେ ୬୭ ଜଣ ଛାତ୍ରୀ ଅଛନ୍ତି। ୩ ବର୍ଷ ହେଲା ଏହି ବିଦ୍ୟାଳୟର ଛାତରୁ


ବାଲିମେଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପିଣ୍ଡାରେ ବସି ପଢୁଛନ୍ତି।

ପାଣି ଗଳୁଛି। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଆକାରରେ ଅବଗତ କରାଯାଇଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକମାନେ ପ୍ରକାଶ କରିଛନ୍ତି। ଏ ସମ୍ବନ୍ଧରେ ପରିଚାଳନା କମିଟି କୋରୁକୋଣ୍ଡା ବିଡିଓ, ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ ମାଲକାନଗିରି, ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟ ପରିସରରେ ପିଇବା ପାଣି ନିମନ୍ତେ ନଳକୂପ କିମ୍ବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇନାହିଁ। ଫଳରେ ପିଲାମାନେ ଏବଂ ମଧ୍ୟାହ୍ନଭୋଜନ ରୋଷେଇ କରୁଥିବା କର୍ମଚାରୀ ପ୍ରାୟ ଏକ କିଲୋମିଟର ଦୂରକୁ ପାଣି ଆଣିବାକୁ ଯାଉଛନ୍ତି। ପାଣି ଅଭାବରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଥିବା ଶୌଚାଳୟ ମଧ ବ୍ୟବହାର କରିପାରୁନାହାନ୍ତି। ଏହି ବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଖେଳିବା ପାଇଁ ଭଲ ଖେଳପଡ଼ିଆଟିଏ ମଧ ନାହିଁ। ଜଳବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ନିକଟରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟର ସମସ୍ୟା ପ୍ରତି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ସିଆର୍‌ସିସି ପ୍ରତି ମାସରେ ବିଦ୍ୟାଳୟକୁ ଗସ୍ତରେ ଆସି ସବୁ ଅସୁବିଧା ଦେଖି ମଧ ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରୁନାହନ୍ତି। ସମସ୍ୟା ସତ୍ତ୍ୱେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ କରିବା ଲାଗି ଆଗ୍ରହ ଥିବାରୁ ସେମାନେ ବିଦ୍ୟାଳୟ ପିଣ୍ଡାରେ ବସି ପାଠ ପଢୁଛନ୍ତି ବୋଲି ୧୨ନଂ. ୱାର୍ଡର ମଙ୍ଗୁଳି ହିଆଲ ପ୍ରକାଶ କରିଛନ୍ତି। ଏନେଇ ହିଆଲ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି।




ଆଜି ଥିଲା ଶ୍ରାବଣ ମାସର ପ୍ରଥମ ସୋମବାର। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥିଲା। କୋରାପୁଟ ଶାବର ଶ୍ରୀକ୍ଷେତ୍ରକୁ କୁନି କାଉଡିଆମାନେ ଜଳଭାର ଧରି ଯାଉଛନ୍ତି (୧)। ମାଲକାନଗିରିରେ ଜଳ ଉଠାଇବା ପୂର୍ବରୁ କାଉଡିଆମାନେ ପୂଜାର୍ଚ୍ଚନା କରୁଛନ୍ତି (୨)। ବୈପାରିଗୁଡାରେ ଶୈବପୀଠକୁ ଯାଉଛନ୍ତି କାଉଡିଆ (୩)।

